# ମାଲେସିଆର ପ୍ରଧାନମନ୍ତ୍ରୀ ଦାତୋ, ସେରି ଅନୱର ବିନ୍ ଇବ୍ରାହିମଙ୍କ ଭାରତ ଗସ୍ତ (ଅଗଷ୍ଟ ୧୯-୨୧, ୨୦୨୪)

ଅଗଷ୍ଟ ୧୮, ୨୦୨୪

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନିମନ୍ତ୍ରଣକ୍ରମେ ମାଲେସିଆ ପ୍ରଧାନମନ୍ତ୍ରୀ ଦାତୋ, ସେରି ଅନୱର ବିନ୍ ଇବ୍ରାହିମ ୧୯-୨୧ ଅଗଷ୍ଟ ୨୦୨୪ରେ ଭାରତ ଗସ୍ତରେ ଆସିବେ । ମାଲେସିଆର ପ୍ରଧାନମନ୍ତ୍ରୀ ଭାବେ ମହାମହିମ ଅନୱର ଇବ୍ରାହିମଙ୍କ ଏହା ହେଉଛି ପ୍ରଥମ ଗସ୍ତ ।

ଅଗଷ୍ଟ ୨୦ ରେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ରାଷ୍ଟ୍ରପତି ଭବନର ପ୍ରାଙ୍ଗଣରେ ଆନୁଷ୍ଠାନିକ ସ୍ୱାଗତ ଗ୍ରହଣ କରିବେ ଏବଂ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ରାଜ ଘାଟରେ ପହଞ୍ଚିବେ, ଏହା ପରେ ସେ ପ୍ରଧାନମନ୍ତ୍ରୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ଏବଂ ତାଙ୍କ ସମ୍ମାନରେ ମଧ୍ୟାହ୍ନ ଭୋଜନର ମଧ୍ୟ ଆୟୋଜନ କରାଯାଇଛି। ଏହାପରେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କର ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କୁ ମଧ୍ୟ ଭେଟିବେ।

ଭାରତ ଓ ମାଲେସିଆ ମଧ୍ୟରେ ଦୃଢ଼ ଐତିହାସିକ ଓ ସାମାଜିକ-ସାଂସ୍କୃତିକ ସମ୍ପର୍କ ରହିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଗସ୍ତ ସମୟରେ ୨୦୧୫ରେ ଆମର ଦ୍ୱିପାକ୍ଷିକ ସମ୍ପର୍କକୁ ଉନ୍ନତ ରଣନୈତିକ ଭାଗିଦାରୀର ମାନ୍ୟତା ମିଳିଥିଲା। ଆସନ୍ତା ବର୍ଷ ଉଭୟ ଦେଶ ଉନ୍ନତ ରଣନୈତିକ ଭାଗିଦାରୀର ଦ୍ୱିତୀୟ ଦଶନ୍ଧିରେ ପ୍ରବେଶ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମଙ୍କ ଗସ୍ତ ଭବିଷ୍ୟତ ପାଇଁ ଏକ ବହୁକ୍ଷେତ୍ରୀୟ ସହଯୋଗ ଏଜେଣ୍ଡା ପ୍ରସ୍ତୁତ କରି ଭାରତ-ମାଲେସିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରିବ।

**ନୂଆଦିଲ୍ଲୀ**
**ଅଗଷ୍ଟ ୧୮, ୨୦୨୪**